Date: 07.11.2017

Daily Edition: R.N.I. No.4005/57
P.R.No.CK(C)/17/2015-2017
Cuttack, Tuesday 7 November 2017
କଟକ, ମଙ୍ଗଳବାର ୭ ନଭେମ୍ବର ୨୦୧୭
ଆଜି ତୁଳା ୨୨ ଦିନ, ୧୪୨୫ ସାଲ
କାର୍ତ୍ତିକ ୧୬ ଦିନ, ୧୯୩୯ ଶକାବ୍ଦ, କୃଷ୍ଣପକ୍ଷ ଚତୁର୍ଥୀ
ଭାଗ- ୮୮ ସଂଖ୍ୟା- ୩୦୩
www.thesamaja.com
www.samajaepaper.com
ଟ ୪.୦୦ (୨୦ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କୋଲକାତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର | ଅନୁଗୋଳ



# ପ୍ରକୃତ ଶିକ୍ଷା କ'ଣ?

ସଚ୍ଚିଦାନନ୍ଦ ମହାନ୍ତି

## ଦୈନନ୍ଦିନ ଜୀବନର ଅନୁଭୂତି ବାସ୍ତବ ଶିକ୍ଷା ଦିଏ

ଆଜକୁ ଅନେକ ବର୍ଷ ପୂର୍ବେ, ମୁଁ ପଣ୍ଡିଚେରୀସ୍ଥ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପଢ଼ିବା ପୂର୍ବରୁ, ମୋର ମାତା ସ୍ୱର୍ଗତା କବି ବିଦ୍ୟୁତପ୍ରଭା ଦେବୀ, ପିତା ପଞ୍ଚାନନ ମହାନ୍ତି, ଓଡ଼ିଶା ସରକାର ପୂର୍ବତନ ଅର୍ଥ ପରାମର୍ଶଦାତା ଏବଂ ଆମେ ଦୁଇ ଭାଇ ଦୁଇ ଭଉଣୀ ଭୁବନେଶ୍ୱରର ମାର୍କେଟ ବିଲଡିଂ ପଛରେ ଗୋଟିଏ ସରକାରୀ ଘରେ ରହୁଥିଲୁ। ଆମର ସାପ୍ତାହିକ ସଉଦା ଏକ ନମ୍ବର ହାଟରୁ ହେଉଥିଲା। ଅଧିକାଂଶ ଅଫିସରଙ୍କ ଦରମା ସେତେବେଳେ ଖୁବ୍ କମ୍ ଥିଲା। ବାଣିଜ୍ୟ କର ଅଥବା ଅର୍ଥସେବା ଅଧିକାରୀମାନେ ବେଶୀଭାଗରେ ଅସାଧୁ ନଥିଲେ। ତଥାପି ମୋ ପିତାଙ୍କର କିଛି ସହକର୍ମୀମାନଙ୍କର ଚଳଣି ପଦ୍ଧତିରେ କିଛିଟା ଅର୍ଥନୈତିକ ବ୍ୟତିକ୍ରମ ଆମେ ଛୋଟପିଲା ହିସାବରେ ମଧ୍ୟ ଦେଖିପାରୁଥିଲୁ। ସେମାନଙ୍କ ପରିବାର ଭିତରେ ଆମଠାରୁ ଅଧିକ ସ୍ୱଚ୍ଛଳତା ଆସିଲା କିପରି, ମୋ ମନରେ ପ୍ରଶ୍ନଟିଏ ଉଙ୍କି ମାରୁଥିଲା, ଯଦିଓ ମୋ ବାପା ଓଡ଼ିଶା ଅର୍ଥ ସେବାରେ କାର୍ଯ୍ୟଲିପ୍ତ ଥିଲେ, ତଥାପି ଆମ ଘରକୁ ମୁଖ୍ୟତଃ ଲେଖକ/ ଲେଖିକାମାନେ ଆସୁଥିଲେ। ଏହା ସ୍ୱାଭାବିକ ମଧ୍ୟ। ବିଦ୍ୟୁତପ୍ରଭା ଖ୍ୟାତନାମା କବୟିତ୍ରୀ ହିସାବରେ ସମଗ୍ର ପ୍ରଦେଶରେ ପ୍ରସିଦ୍ଧ ଥିଲେ, କିନ୍ତୁ ସେ ତାଙ୍କର ସ୍ୱାଭାବିକ ସରଳତା ଏବଂ ଆଦର୍ଶବାଦକୁ ପରିତ୍ୟାଗ କରିନଥିଲେ।

ଦିନକର କଥା, ମୋ ବୟସ ସେତେବେଳେ ୮ କିମ୍ବା ୯ ହୋଇଥିବ। ବାପା ଦିନେ ମୋତେ ତାଙ୍କ ସହ ହାଟ କରିବାପାଇଁ ନେଇଗଲେ। ହାଟରୁ ପନିପରିବା ତଥା ଅନ୍ୟ ସାମଗ୍ରୀ କିଣାଗଲା। ମୋ ବାମ ହାତରେ ବ୍ୟାଗ ଏବଂ ଡାହାଣ ହାତରେ ଟଙ୍କା। ବାପା ପରିବା ଦୋକାନୀସହ କଥା ହୋଇ ପରିବା ବାଛୁଥାଆନ୍ତି, ଏବଂ ମୁଁ ଟଙ୍କା ଦେଉଥାଏ, କିଛି ସମୟରେ ଏମିତିରେ କିଣାବିକା ପର୍ବ ସରିଗଲା ଏବଂ ଆମେ ରାସ୍ତାପାର ହୋଇ ଘର ଅଭିମୁଖୀ ହେଲୁ। ବାଟରେ ମୋର ମାନସାଙ୍କ ପରୀକ୍ଷା ହେଲା। ବାପା ପଚାରୁଥାନ୍ତି- ପରିବା, ଡାଲି, ଚାଉଳର ଦାମ ଓ ମୁଁ ତା'ର ଉତ୍ତର ଦେଉଥାଏ। କିଛି ସମୟ ପରେ ଜଣାପଡ଼ିଲା ଯେ, ଯେତିକି ଟଙ୍କା ଆମେ ଆଣିଥିଲୁ, ସେତିକି ବିତ୍ତରେ ସମପରିମାଣର ସାମଗ୍ରୀ କିଣାଯାଇଛି, କିନ୍ତୁ ଏ କ'ଣ? ମୋ ହାତରେ ଅଧିକ ୫୦ ପଇସା ଆସିଲା କିପରି? ବାପା ଟିକିଏ ବିବ୍ରତ ହେଲେ। କିନ୍ତୁ ମୋତେ ବହୁତ ଖୁସି ଲାଗୁଥାଏ କାରଣ ୫୦ ପଇସାରେ କିଛି କମଳା ଚକ୍‌ଲେଟ ଅଥବା ଚିନାବାଦାମ ଖିଆ ଯାଇପାରେ।

ବାପାଙ୍କର କିନ୍ତୁ ଭିନ୍ନ ଅଭିପ୍ରାୟ। ଆମେ ଚାଲି ଆସୁଆସୁ ବାପା ମୋତେ ଠିକ୍ ଭାବରେ ବୁଝାଇଦେଲେ ଯେ ଆମେ ଗୋଟିଏ ଦୋକାନୀ ପାଖରୁ ୫୦ ପଇସା ଅଧିକା ନେଇଆସିଛୁ। ମୋର ମନରେ ଭାବନା ସୃଷ୍ଟି ହେଲା, ତା'ହେଲେ ଅସୁବିଧା କ'ଣ ହେଲା? ସେଇଟା ତ ତା'ର ଭୁଲ ଅଥବା ସେ ମଧ୍ୟ ଆମକୁ ଚଢ଼ା ଦରରେ ବିକ୍ରି କରିଥାଇପାରେ। ମୋ ମତରେ ଏ ପଇସାଟା ଆମର। କସ୍ମିନ କାଳେ ପରିବା ଦୋକାନୀର ହୋଇନପାରେ।

ମୋ କଥାଟାକୁ ଏଡ଼ାଇଦେଇ ବାପା ମୋତେ ନିର୍ଦ୍ଦେଶ ଦେଲେ, "ଚାଲ ହାଟକୁ ଫେରିବା। ଏଇ ମୁହୂର୍ତ୍ତରେ ତୁ ଯାଇ ସେ ଦୋକାନୀକୁ ୫୦ ପଇସା ଫେରାଇକି ଆସେ।"

ମୋ ଶିଶୁ ମନରେ ଏହା ଏକ ବଡ଼ ଆଘାତ ନିଶ୍ଚିତ ଭାବରେ ଦେଇଥିଲା।

ଆମ ସମୟରେ ପିଲାଙ୍କ ପାଖରେ ପକେଟ ମନି ନଥିଲା। ନିହାତି ଦରକାର ହେଲେ ଆମେ ଘରୁ ଚାଉଳ ଚୋରାଇ ବରକୋଳି କିଣୁଥିଲୁ। ତେଣୁ ୫୦ ପଇସା ମୋ ପାଇଁ ଗୋଟିଏ ବଡ଼ ଉପହାର ଥିଲା। ଦୁଃଖର କଥା ବାପାଙ୍କର ଜିଦ୍ ଯୋଗୁଁ ମୁଁ ସେ ପଇସାଟି ହରାଇଲି। ରାତିରେ ଅନେକ ଦୁଃଖୀ ମଧ୍ୟ ହେଲା।

ଏହି ଘଟଣା ପରେପରେ, ମୋ ମାତା ବିଦ୍ୟୁତପ୍ରଭାଙ୍କ ଉଦ୍ୟମ ଫଳରେ ମୁଁ ଓ ବଡ଼ଭଉଣୀ ମିନତୀ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପଢ଼ିବାପାଇଁ ସୁଯୋଗ ପାଇଲୁ। ଏହାପରେ କାଳକ୍ରମେ ମୋ ଅନ୍ୟ ଭାଇଭଉଣୀ ବ୍ରହ୍ମାନନ୍ଦ ଏବଂ ପ୍ରଣତି ମଧ୍ୟ ସେ ସୁଯୋଗ ପାଇଲେ।

ସୌଭାଗ୍ୟ କ୍ରମେ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରୁ ସଫଳ ଭାବରେ ଉତ୍ତୀର୍ଣ୍ଣ ହୋଇ ମୁଁ ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଓ ଦେଶବିଦେଶର ଅନ୍ୟାନ୍ୟ ସ୍ଥାନରେ ଅଧ୍ୟୟନ, ଗବେଷଣା ଓ ଅଧ୍ୟାପନା କରିବାର ଓ ବକ୍ତୃତା ଦେବାର ସୁଯୋଗ ପାଇଲି। ଶିକ୍ଷାର ଲକ୍ଷ୍ୟ, ଅଭିପ୍ରାୟ, ସାମାଜିକ ଦୃଷ୍ଟିକୋଣ ଏବଂ ଶିଶୁଚେତନା ସମ୍ପର୍କରେ ଗଭୀରଭାବରେ ଅନୁସନ୍ଧାନ କରିବାପାଇଁ ସୁଯୋଗ ମିଳିଲା। ହାଇଦରାବାଦ ବିଶ୍ୱବିଦ୍ୟାଳୟ ପରେ ଇତି ମଧ୍ୟରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁଳପତି ହୋଇ ଓଡ଼ିଶାର ଶିକ୍ଷାଗତ ବିଷୟ ପରିବର୍ତ୍ତନ ପାଇଁ ସୁଯୋଗ ମିଳିଲା। ଏହି ଉଦ୍ୟମ ଅଧୁନା କୋରାପୁଟରେ ଅବ୍ୟାହତ।

ବର୍ତ୍ତମାନ ଆମେ ଏପରି ଏକ ସମୟରେ ବାସ କରୁଛେ, ଯେତେବେଳେ ଆଦର୍ଶ ସଂପୂର୍ଣ୍ଣ ଅନୁପସ୍ଥିତ। ଆମର ଚିନ୍ତା, ଚେତନା, ଦୃଷ୍ଟିକୋଣ ଏବଂ ନିର୍ଣ୍ଣୟ ଗୁଡ଼ିକରେ କେବଳ ଧନସଂପଦ ପରିବୃଦ୍ଧି କରିବାର ଲକ୍ଷ୍ୟ ପ୍ରତିଫଳିତ।

ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଏହି ପ୍ରଭାବ ପରିଲକ୍ଷିତ ହେଉଛି। ମ୍ୟାନେଜ୍‌ମେଣ୍ଟ, ବାଣିଜ୍ୟ ଏବଂ କମ୍ପ୍ୟୁଟର ବିଜ୍ଞାନକୁ ମାନବିକ ଏବଂ ସାମାଜିକ ବିଜ୍ଞାନ ଅପେକ୍ଷା ଅଧିକ ଗୁରୁତ୍ୱ ଦିଆଯାଉଛି। ମାନବିକୀ ଏବଂ ସାମାଜିକ ବିଜ୍ଞାନ ପ୍ରାଚୀନ ସମୟରୁ ମନୁଷ୍ୟ ସମାଜକୁ ଆଲୋକ ସନ୍ଧାନ ଦେଇ ଆସିଛି। ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ଜୀବନ ନିମ୍ନମୁଖୀ ହେବାର ଲକ୍ଷ୍ୟ କରାଯାଉଛି।

ଆଜି, ଏହି ପରିସ୍ଥିତିରେ ବିଗତ ଦିନର ଅନୁଭୂତି ମନେପଡ଼ିଲେ, ମନରେ ପ୍ରଶ୍ନ ଉଠେ, ଶିକ୍ଷାର ପ୍ରକୃତ ଅର୍ଥ କ'ଣ? କେବଳ କ'ଣ ଜ୍ଞାନ ଆହରଣ କରିବା? ସାମଗ୍ରିକତାର ଅର୍ଥ କ'ଣ? ଆମ ସମାଜରେ ମୂଲ୍ୟବୋଧ କାହିଁକି କ୍ରମଶଃ ଲୋପ ପାଉଛି? ଏଥିରେ ପିତାମାତା, ଅଭିଭାବକମାନଙ୍କ ଭୂମିକା କ'ଣ? ମୋ ପିତାମାତା କଲେଜ୍ ସ୍ତରକୁ ଯାଇପାରିନଥିଲେ, କିନ୍ତୁ ସେମାନଙ୍କ ଚିନ୍ତାଧାରା କୌଣସି (ପୋଷ୍ଟ-ଡକ୍) ପାଠରୁ ମଧ୍ୟ ଉଚ୍ଚତର ଏବଂ ମହାନ ଥିଲା। ପ୍ରକୃତ ଶିକ୍ଷା ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ନଥାଏ। ଯଦିଓ ପାଠ୍ୟକ୍ରମର ମଧ୍ୟ ସ୍ୱତନ୍ତ୍ର ମୂଲ୍ୟ ଅଛି। ମୋର ନୀରବ ମୁହୂର୍ତ୍ତରେ ମୁଁ ପିତାଙ୍କ ସହ କଟେଇଥିବା ମୂଲ୍ୟବାନ ଅନୁଭୂତିଗୁଡ଼ିକୁ ଖୋଜିବୁଲେ। ଭଲ ଚାକିରି କରୁଥିଲେ ମଧ୍ୟ ମୋର ପିତାଙ୍କର କୌଣସି ଅର୍ଥ ଲୋଭ ନଥିଲା, ସେ ମୋର ମାତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ।

ବାପାଙ୍କର ୫୦ ପଇସା ଫେରାଇବାର ଆଦର୍ଶ ଆଜିଯାଏଁ ମୋର ମନେ ଅଛି, ଅର୍ଥକୁ ନେଇ ମହାତ୍ମା ଗାନ୍ଧି (ଟ୍ରଷ୍ଟିସିପ୍) ବିଷୟରେ ଆଲୋଚନା କରିଥିଲେ। ଏକ ଅସାଧୁ ସମାଜରେ ବାସ କରି ଆମେ ପ୍ରାୟ ନେତୃତ୍ୱ ହରାଇ ବସିଛୁ। ମୋ ବାଲ୍ୟକାଳର ଘଟଣାପରେ, ଅନ୍ୟ ଘଟଣା ମଧ୍ୟ ଆମ ଜୀବନ ଶୈଳୀକୁ ଅନୁପ୍ରାଣିତ କରିପାରେ। ଏବେ ମଧ୍ୟ ମାର୍କେଟ ବିଲଡିଙ୍ଗ ବା ହାଟ ଦେଇ ଗଲେ ମୋର ସ୍ମୃତିପଟରେ ଏହି ଘଟଣାଟି ଉଙ୍କି ମାରେ। ଆଜି ଏ ସଫଳତାର ପାହାଚରେ ପହଞ୍ଚି ମୁଁ ପଛକଥାକୁ ମନେପକାଏ। ବିଶ୍ୱବିଦ୍ୟାଳୟର ତଥାକଥିତ ଶିକ୍ଷା ଅପେକ୍ଷା, ଦୈନନ୍ଦିନ ଜୀବନର ଅନୁଭୂତି ଅନେକ ଭାବରେ ଆମକୁ ସତ୍ ପଥରେ ଆଗକୁ ନେଇଯାଏ।

*କୁଳପତି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା,*
*କୋରାପୁଟ*